## ଓଡିଶା ସରକାର

## ସାଧାରଣ ପ୍ରଶାସନ ବିଭାଗ

*******

ପତ୍ର ସଂଖ୍ୟା – ଜିଏଡି-କୋଡ- ୦୦୦୫ / ୨୦୧୩- 10562 /ତାରିଖ 17/4/13

ପ୍ରେରକ

ଶ୍ରୀ ଗଣେଶ ଚନ୍ଦ୍ର ପାତ୍ର,
ଯୁଗ୍ମ ଶାସନ ସଚିବ ।

ପ୍ରାପକ

ସମସ୍ତ ବିଭାଗ ।
ସମସ୍ତ ମୁଖ୍ୟବିଭାଗୀୟ ଦପ୍ତର ।
ସମସ୍ତ ଜିଲ୍ଲାପାଳ ।

ବିଷୟ: **ସରକାରୀ ଦପ୍ତରରେ ଓଡିଆ ଭାଷାର ବ୍ୟବହାର ।**

ମହାଶୟା /ମହାଶୟ,

ମୁଁ ଏତଦ୍ୱାରା ନିର୍ଦ୍ଦେଶକ୍ରମେ ଜଣାଇବାକୁ ଚାହେଁ ଯେ ଓଡିଆ ଭାଷା ସରକାରୀ ଭାଷା ଅଧୀନିୟମ ୧୯୫୪ ଅନୁଯାୟୀ ସମସ୍ତ ସରକାରୀ କାର୍ଯ୍ୟ ଓଡିଆ ଭାଷାରେ ଏବଂ ଆବଶ୍ୟକସ୍ଥଳେ ଉଭୟ ଓଡିଆ ଏବଂ ଇଂରାଜୀ ଭାଷା ମାଧମରେ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଦିଆଯାଇଥିଲେ ମଧ ସରକାରୀ ଦପ୍ତର ମାନଙ୍କରେ ଓଡିଆ ଭାଷାର ବହୁଳ ପ୍ରଚଳନ ପରିଲକ୍ଷିତ ହେଉନାହିଁ । ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ଆବେଦନକୁ ବିଚାରକୁ ନେଇ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ଓଡିଆ ଭାଷାର ସରକାରୀ ଦପ୍ତର ମାନଙ୍କରେ ବହୁଳ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶନାମା ଜାରୀ କରିଛନ୍ତି ।

ଏହାଦ୍ୱାରା ଅନୁରୋଧ କରାଯାଉଅଛି ଯେ ଜନସାଧାରଣଙ୍କ ସୁବିଧା ଦୃଷ୍ଟେ ସମସ୍ତ ନଥିପତ୍ର ଓ ପତ୍ରାଳାପ ଯଥାସାଧ ଓଡିଆ ଭାଷା ମାଧମରେ ଓଡିଆ ଭାଷା ସରକାରୀ ଭାଷା ଅଧୀନିୟମ ୧୯୫୪ ଅନୁଯାୟୀ ହେବା ଆବଶ୍ୟକ । ଉପରୋକ୍ତ ନିର୍ଦ୍ଦେଶାନାମା ନିର୍ଗମନ ହେଲା ଦିନ ଠାରୁ ସରକାରୀ ଦପ୍ତର ମାନଙ୍କରେ ଓଡିଆ ଭାଷାର ବ୍ୟବହାର ତୁରନ୍ତ କାର୍ଯ୍ୟକାରୀ ହେବା ବିଧେୟ ।

ତେଣୁ ଆପଣଙ୍କୁ ଅନୁସ୍ମାରକ ଦ୍ୱାରା ନିବେଦନ କରାଯାଉଅଛିଯେ ସରକାରୀ ଦପ୍ତରରେ ଓଡିଆ ଭାଷାର ବ୍ୟବହାର ପାଇଁ କି କି ପଦକ୍ଷେପ ନିଆଯାଇଛି ତାହା ତୁରନ୍ତ ଏହି ବିଭାଗକୁ ଅବଗତ କରାନ୍ତୁ ।

ଏହା **ଅତ୍ୟନ୍ତ ଜରୁରୀ** ମନେ କରାଯାଇପାରେ ।

ଆପଣଙ୍କ ବିଶ୍ୱସ୍ତ

(ସ୍ୱାକ୍ଷର) 17.4.13

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା 10563 ତା 17/4/13

ଏହାର ଏକକିତା ନକଲ ସୁପରିଟେଣ୍ଡେଣ୍ଟ, ଓଡିଶା ଉଚ୍ଚ ନ୍ୟାୟାଳୟକୁ ମାନ୍ୟବର ଅଦାଲତଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର) 17.4.13

ଯୁଗ୍ମ ଶାସନ ସଚିବ

୨୨୩୧

ଜ୍ଞାପକ ସଂଖ୍ୟା 10554 ତା 17/4/13

ଏହାର ଏକକିତା ନକଲ ନିର୍ଦ୍ଦେଶକ, ଛାପା ଓ ମୁଦ୍ରଣ, ଓଡିଶା, କଟକ / ନିର୍ଦ୍ଦେଶକ, ଓଡିଆ ଭାଷା ପ୍ରତିଷ୍ଠାନ, ୟୁନିଟ – ୫, ଭୁବନେଶ୍ୱର, ଓଡିଶାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

17.4.13

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା 10555 ତା 17/4/13

ଏହାର ଏକକିତା ନକଲ ମହାନିର୍ଦ୍ଦେଶକ, ଗୋପବନ୍ଧୁ ପ୍ରଶାସନିକ ଏକାଡେମି, ଭୁବନେଶ୍ୱର / ସ୍ୱତନ୍ତ୍ର ସଚିବ, ଓଡିଶା ଲୋକସେବା ଆୟୋଗ, କଟକ / ସଚିବ, ଓଡିଶା କର୍ମଚାରୀ ପ୍ରବରଣ ଆୟୋଗ, ଭୁବନେଶ୍ୱର / ନିବନ୍ଧକ, ଓଡିଶା ନ୍ୟାୟ ପ୍ରଶାସନ, ଭୁବନେଶ୍ୱର / ନିର୍ଦ୍ଦେଶକ, ବିଭାଗୀୟ ତଦନ୍ତ କମିଶନ, ଭୁବନେଶ୍ୱର / ମହାନିର୍ଦ୍ଦେଶକ, ସାଧାରଣ ପ୍ରଶାସନ (ଦୁର୍ନିତି ନିବାରଣ) ବିଭାଗ, ଭୁବନେଶ୍ୱର / ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକ, ଭୁବନେଶ୍ୱର / ଖଜଣା ଅଧିକାରୀ, ସାଧାରଣ ପ୍ରଶାସନ (ଖଜଣା) ବିଭାଗ, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

17.4.13

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା 10556 ତା 17/4/13

ଏହାର ଏକକିତା ନକଲ ସମସ୍ତ ଉପବିଭାଗ / ବିଭାଗୀୟ ଅଧିକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

17.4.13

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା 10556-A ତା 17/4/13

ଏହାର ଏକକିତା ନକଲ ଡକ୍ଟର ମନୋରଂଜନ ମହାନ୍ତି, ଡଗରପଡା, ଥାନା-ଲାଲବାଗ, ଜିଲ୍ଲା - କଟକ ଏବଂ ସୁବ୍ରତ କୁମାର ପୃଷ୍ଟି, ବିଦ୍ୟାଧରପୁର, କମାଗଡ, ଜିଲ୍ଲା - ଯାଜପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

17.4.13

ଯୁଗ୍ମ ଶାସନ ସଚିବ